ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR (OD)/CS-GA-1316-19/02/21



## ପ୍ରମୁଖ ଅନୁଷ୍ଠାନଭାବେ ଉଭା ହେଲା ଟ୍ରିପଲ ଆଇଟି ଭୁବନେଶ୍ୱର

## ଛାତ୍ର ଟିମ୍ ହାସଲ କଲେ ଜାତୀୟ ଓ ଆନ୍ତର୍ଜାତୀୟ ପୁରସ୍କାର

## ଶିକ୍ଷା, ଗବେଷଣା ଓ ଉଦ୍ଭାବନରେ ଗୁଣାତ୍ମକ ମାନ ବଢ଼ାଇବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୯/୦୨/୨୧**

ସୂଚନା ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଆନ୍ତର୍ଜାତୀୟ ସୂଚନା ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ ଜାତୀୟ ସ୍ତରରେ ଏକ ପ୍ରମୁଖ ଅନୁଷ୍ଠାନ ଭାବେ ଉଭା ହୋଇଛି । ୨୦୦୬ ମସିହାରେ ଆରମ୍ଭ ହୋଇଥିବା ଏହି ଅନୁଷ୍ଠାନ ଛାତ୍ର ମାନଙ୍କର ଗୁଣବତ୍ତା, ଶୈକ୍ଷ୍ୟ-ପରିବେଶ, ଉତ୍ତମମାନର ଶିକ୍ଷକ ମଣ୍ଡଳୀ ଏବଂ ଡ଼ିଗ୍ରୀଧାରୀ ମାନଙ୍କୁ ବୃତ୍ତିରେ ନିୟୋଜନ ଆଦି କ୍ଷେତ୍ରରେ ନିଜ ପାଇଁ ଜାତୀୟ ଓ ଆନ୍ତର୍ଜାତୀୟ ପରିଚୟ ସୃଷ୍ଟି କରିପାରିଛି ।

ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିଷ୍ଠାନର ନିର୍ଦ୍ଦେଶନା ମଣ୍ଡଳୀ (ବୋର୍ଡ଼ ଅଫ୍ ଗଭର୍ଣ୍ଣର୍ସ୍) ବୈଠକରୁ ଏହା ଜଣାପଡ଼ିଛି । ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ୍ ମୋଡ୍‌ରେ ଅନୁଷ୍ଠିତ ଏହି ବୈଠକରେ ଦେଶର ବିଭିନ୍ନ ସ୍ଥାନରୁ ସ୍ୱାଧୀନ ନିର୍ଦ୍ଦେଶକ ସଦସ୍ୟମାନେ ଏହି ବୈଠକରେ ଯୋଗ ଦେଇଥିଲେ ।

ଅନୁଷ୍ଠାନର କାର୍ଯ୍ୟକଳାପ ଓ ବର୍ତ୍ତମାନ ସ୍ଥିତି ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ବିଭିନ୍ନ କ୍ଷେତ୍ରରେ ହାସଲ ହୋଇଥିବା ସଫଳତା ନିମନ୍ତେ ଅନୁଷ୍ଠାନକୁ ଅଭିନନ୍ଦନ ଜଣାଇବା ସହ ନିର୍ଦ୍ଦେଶକ ପ୍ରଫେସର ଗୋପାଳ ନାୟକ ଏବଂ ରେଜିଷ୍ଟ୍ରାର୍ ପ୍ରଫେସର ଅଜୀତ୍ ଦାସ୍‌ଙ୍କୁ ସେମାନଙ୍କର ନିରନ୍ତର ନିଷ୍ଠାପର ସେବା ନିମନ୍ତେ ସାଧୁବାଦ ଜଣାଇଥିଲେ ।

ସୂଚନା ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଶିକ୍ଷାଦାନ, ଗବେଷଣା, ନୂତନ ଆବିଷ୍କାର ଆଦିର ଗୁଣାତ୍ମକ ମାନ ବଢ଼ାଇ ବିକଶିତ ଅନୁଷ୍ଠାନ ମାନଙ୍କର ସମକକ୍ଷ ହେବାପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ପ୍ରତିଷ୍ଠାନର ସମସ୍ତ ଶିକ୍ଷକ ଓ କର୍ମଚାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶ୍ରୀ ମହାପାତ୍ର କହିଥିଲେ ଯେ ଇତି ମଧ୍ୟରେ ଟ୍ରିପଲ୍ ଆଇଟି ଭୁବନେଶ୍ୱର ନିଜର ଭିତ୍ତିଭୂମି ସୁଦୃଢ଼ କରିସାରିଛି । ଶିକ୍ଷାଦାନ କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ବର୍ତ୍ତମାନ ସମୟ ଆସିଛି ଯେତେବେଳେ କି ଆମେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ ଅନୁଷ୍ଠାନମାନଙ୍କର ସମକକ୍ଷ ହୋଇପାରିବା । ଏଥିପାଇଁ ନିରନ୍ତର ପ୍ରଚେଷ୍ଟା ଜାରି ରଖିବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ ।

ଆଲୋଚନା ନିମନ୍ତେ ବିଭିନ୍ନ ବିଷୟବସ୍ତୁ ଉପସ୍ଥାପନ କରି ନିର୍ଦ୍ଦେଶକ ପ୍ରଫେସର ନାୟକ ଜଣାଇଥିଲେ ଯେ ଚଳିତ ଶିକ୍ଷା-ବର୍ଷ ପାଇଁ ଅନୁଷ୍ଠାନର ଶତ ପ୍ରତିଶତ ସିଟ୍ ପୂରଣ ହୋଇଛି । ଓଡ଼ିଶାର ଛାତ୍ରମାନଙ୍କ ସହ '*ଜୋସା* ଏବଂ '*ସିସାବ*' ପରି ଜାତୀୟ ସ୍ତରୀୟ କାଉନ୍‌ସେଲିଂ ରୁ ବିଭିନ୍ନ ରାଜ୍ୟ ଓ ବିଦେଶର ଛାତ୍ର ଛାତ୍ରୀ ମାନେ ଅନୁଷ୍ଠାନରେ ନାମ ଲେଖାଇଛନ୍ତି । ଚଳିତ ବର୍ଷ ମଧ୍ୟ ପ୍ରବେଶ ସମୟରେ ଛାତ୍ରଛାତ୍ରୀ ମାନଙ୍କ ଗୁଣାତ୍ମକ '*ମାନଙ୍କ*'ରେ ବିଶେଷ ଅଗ୍ରଗତି ହୋଇଛି । ବିଗତ ବର୍ଷ ମାନଙ୍କରେ ଅନୁଷ୍ଠାନକୁ '*ଓଟୀ* ର ପ୍ରାୟ ୬୧,୦୦୦ ରାଙ୍କ୍‌ର(Rank) ଉର୍ଦ୍ଧ୍ୱ ପିଲା ଆସୁଥିବା ବେଳେ ଚଳିତ ବର୍ଷ ୫୧,୪୯୦ ରୁ ଉର୍ଦ୍ଧ୍ୱ ରାଙ୍କ୍‌ର(Rank) ପିଲା ନାମ ଲେଖାଇଛନ୍ତି ।

ବୈଠକର ଆଲୋଚନାରୁ ଜଣପଡ଼ିଥିଲା ଯେ ବିଗତ ୫ ବର୍ଷ ମଧ୍ୟରେ ଅନୁଷ୍ଠାନ ନିଜର ଡ଼ିଗ୍ରିଧାରୀ ଛାତ୍ରଛାତ୍ରୀଙ୍କ କ୍ୟାମ୍ପସ୍ ଚୟନ ମାଧ୍ୟମରେ ବୃତ୍ତି ନିୟୋଜନ କ୍ଷେତ୍ରରେ ୯୫ ପ୍ରତିଶତ ସଫଳତା ହାସଲ କରିଛି । ଚଳିତ ଶିକ୍ଷା ବର୍ଷରେ କୋଭିଡ୍ ମହାମାରୀ ର କୁପ୍ରଭାବକୁ ପ୍ରତିହତ କରି ବର୍ତ୍ତମାନ ପର୍ଯ୍ୟନ୍ତ ୭୭ ପ୍ରତିଶତ ଛାତ୍ରଛାତ୍ରୀଙ୍କୁ ବୃତ୍ତି ନିୟୋଜନ ମିଳିଛି । ଏମାନେ ବାର୍ଷିକ ହାରାହାରି ୫ଲକ୍ଷ ଟଙ୍କା ପ୍ୟାକେଜ୍‌ରୁ ନିଜର ଚାକିରି ଆରମ୍ଭ କରିଛନ୍ତି । କିଛି ଡ଼ିଗ୍ରିଧାରୀଙ୍କୁ ମଧ୍ୟ ୧୫ ଲକ୍ଷ ଟଙ୍କାର ପ୍ୟାକେଜ୍ ମିଳିଛି । ଚଳିତ ବର୍ଷ ପ୍ରାୟ ୩୯ଟି ଜାତୀୟ ଓ ଆନ୍ତର୍ଜାତୀୟ କଂପାନୀମାନେ ଟ୍ରିପଲ୍ ଆଇଟି ଭୁବନେଶ୍ୱରକୁ କ୍ୟାମ୍ପସ୍ ଚୟନ ନିମନ୍ତେ ଆସିଛନ୍ତି । ବର୍ତ୍ତମାନ ଆହୁରି ୯ଟି କଂପାନୀଙ୍କର ଚୟନ ପ୍ରକ୍ରିୟା ଚାଲୁ ରହିଛି । କ୍ୟାମ୍ପସ୍ ଚୟନ ପ୍ରାୟ ୯୦ ପ୍ରତିଶତ ହାସଲ ହେବ ବୋଲି ଆଶାକରା ଯାଇଛି ।

ପ୍ରତିଷ୍ଠାନର ରେଜିଷ୍ଟ୍ରାର ପ୍ରଫେସର ଦାଶ ଜଣାଇଥିଲେ ଯେ ଟ୍ରିପଲ୍ ଆଇଟି ଭୁବନେଶ୍ୱର ଛାତ୍ର ଟିମ୍ ଆନ୍ତର୍ଜାତୀୟ "*ଡିଜିଟାଲ୍ ମାର୍କେଟିଂ ପ୍ରତିଯୋଗିତା-୨୦୨୦*" ରେ ଟପ୍-୨୦ ଙ୍କ ମଧ୍ୟରେ ଏକାଦଶ ସ୍ଥାନ ହାସଲ କରିଛନ୍ତି । ଏହି ପ୍ରତିଯୋଗିତା ଯୁକ୍ତରାଷ୍ଟ୍ର ଆମେରିକାର ପୁର୍‌ଡୁଏ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହୋଇଥିଲା । ସେହିପରି ଅନ୍ୟଏକ ଟିମ୍ ଜାତୀୟ ସ୍ତରରେ "*ମିଟ୍ କୋଭିଡ୍-୧୯ ଚ୍ୟାଲେଞ୍ଜ୍ : 'ଇଣ୍ଡିଆ ଟର୍ଣ୍ଣିଂ ଦି ଟାଇଡ୍*' ପୁରସ୍କାର ଲାଭ କରିଛନ୍ତି । ୨୦୧୯-୨୦ ଶିକ୍ଷା ବର୍ଷରେ ମଧ୍ୟ ଅନୁଷ୍ଠାନର ଛାତ୍ର ଟିମ୍ "*ଗୁଗୁଲ୍ ଅନ୍ ଲାଇନ୍ ମାର୍କେଟିଂ ଚ୍ୟାଲେଞ୍ଜ*" ପୁରସ୍କାର ଜିତିଥିଲେ ।

ଛାତ୍ରଛାତ୍ରୀ ମାନଙ୍କ ଆର୍ଥିକ ଅବସ୍ଥାରେ କୋଭିଡ୍ ମହାମାରୀର କୁପ୍ରଭାବକୁ ବିଚାର କରି ନିର୍ଦ୍ଦେଶନା ମଣ୍ଡଳୀ ଚଳିତ ଶିକ୍ଷାବର୍ଷ ପାଇଁ ଛାତ୍ରଛାତ୍ରୀ ମାନଙ୍କର ହଷ୍ଟେଲ୍ ଫିସ୍‌କୁ ସେମିଷ୍ଟାର ପିଛା ୩ ହଜାର ଟଙ୍କାକୁ କମାଇ ଦେଇଥିଲେ । ପୂର୍ବରୁ ଆବାସିକ ଘର ର ପ୍ରକାର ଭିତ୍ତିରେ ଏହି ଫିସ୍ ସେମିଷ୍ଟାର୍ ପିଛା ୧୨ ହଜାର ରୁ ୨୪ ହଜାର ଟଙ୍କା ଥିଲା । ଲାଇବ୍ରେରୀ ଫିସ୍‌ରେ ୧,୫୦୦ ଟଙ୍କାର ରିହାତି କୁ ଅନୁମୋଦନ କରାଯାଇଥିଲା । ନିର୍ଦ୍ଦେଶନା ମଣ୍ଡଳୀ ଚଳିତ ଶିକ୍ଷାବର୍ଷ ପାଇଁ 'ଷ୍ଟୁଡେଣ୍ଟ ୱେଲ୍‌ଫେୟାର୍ ଫିସ୍' ଏବଂ '*ପାୱାର ବ୍ୟାକ୍-ଅପ୍* ' ଦେୟ ମଧ୍ୟ ଛାଡ଼ କରି ଦେଇଥିଲେ । ଅଣ-ଶିକ୍ଷକ କର୍ମଚାରୀ ମାନଙ୍କର ଅଭିଯୋଗ ଗୁଡ଼ିକର ଉପଯୁକ୍ତ ବିଚାର ନିମନ୍ତେ ଏକ କମିଟି ଗଠନ ପ୍ରସ୍ତାବକୁ ନିର୍ଦ୍ଦେଶନା ମଣ୍ଡଳୀ ଅନୁମୋଦନ କରିଥିଲେ ।

ଗୋଠପାଟଣାରେ ଅଧିକ ୪ ଏକର ଜମି ଟ୍ରିପଲ୍ ଆଇଟି ଙ୍କୁ ଦେବା ସମ୍ବନ୍ଧିତ ବିଷୟ ବୈଠକର ଆଲୋଚନାରେ ସ୍ଥାନ ପାଇଥିଲା । ଏହି ଜମିରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ହଷ୍ଟେଲ୍, ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ପାଇଁ ଆବାସ, ଅଡ଼ିଟୋରିଅମ୍ ଏବଂ ଖେଳ ପଡ଼ିଆ ନିର୍ମାଣ ନିମନ୍ତେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ ।

ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ଇତି ମଧ୍ୟରେ ଟ୍ରିପଲ୍ ଆଇଟି ରାଜସ୍ୱ ସଂଗ୍ରହ ଦୃଷ୍ଟିରୁ ଆତ୍ମ ନିର୍ଭରଶୀଳ ହୋଇଛି । ଅନୁଷ୍ଠାନ ନିଜସ୍ୱ ପାଣ୍ଠିରୁ ଦରମା ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ କରୁଛନ୍ତି । ବର୍ତ୍ତମାନ ରାଜ୍ୟ ସରକାର ଆବଶ୍ୟକତା ଅନୁସାରେ ଆଧୁନିକ ଭିତ୍ତିଭୂମି ନିର୍ମାଣ ନିମନ୍ତେ ଆର୍ଥିକ ଅନୁଦାନ ଦେଇଛନ୍ତି । ଗତ ତିନିବର୍ଷ ମଧ୍ୟରେ ରାଜ୍ୟ ସରକାର ଭିତ୍ତିଭୂମି ନିର୍ମାଣ ପାଇଁ ୧୬ କୋଟି ଟଙ୍କାର ଅନୁଦାନ ଦେଇଛନ୍ତି । ନୂଆ ୪ ଏକର ଯାଗାରେ ଭିତ୍ତିଭୂମି ବିକାଶ ନିମନ୍ତେ ଚଳିତ ଆର୍ଥିକ ବର୍ଷରେ ଅନୁଦାନ ଯୋଗାଇ ଦିଆଯିବ ବୋଲି ମଧ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ପ୍ରତିଶୃତି ଦେଇଥିଲେ ।

ସୂଚନା ଓ ପ୍ରଯୁକ୍ତିବିଦ୍ୟା ଶାସନ ସଚିବ ଶ୍ରୀ ମନୋଜ କୁମାର ମିଶ୍ର ଟ୍ରିପଲ୍ ଆଇଟି ହାଇଦ୍ରାବାଦ୍ ର ନିର୍ଦ୍ଦେଶକ ପ୍ରଫେସର ପି.ଜେ. ନାରାୟଣନ୍, ଏସ୍.ଟି.ପି.ଆଇ ମହାନିର୍ଦ୍ଦେଶକ ଡଃ ଓମ୍‌କାର ରାଏ, ପ୍ରଫେସର ଆର୍.ସି.ବଳବନ୍ତ ରାଏ, ଟ୍ରିପଲ୍ ଆଇଟି ବାଙ୍ଗାଲୋର ର ପ୍ରଫେସର ଦେବବ୍ରତ ଦାସଙ୍କ ସମେତ ନିର୍ଦ୍ଦେଶନା ମଣ୍ଡଳୀର ସ୍ୱାଧୀନ ନିର୍ଦ୍ଦେଶକ ମାନେ ବୈଠକର ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ଉମାକାନ୍ତ ମହାପାତ୍ର,

ସୂଚନା ଅଧିକାରୀ, ମୁଖ୍ୟ ଶାସନ ସଚିବ